# Akashvani, Sambalpur

## SAMBALPURI NEWS EVENING BULLETIN

## 4 May 2026-7.02- 7.12 pm.

---

୧- ପଶ୍ଚିମବଙ୍ଗ୍ ଆଉ ଆସାମ୍ ନିର୍ବାଚନ୍‌ଥି ସ୍ପଷ୍ଟ ବହୁମତ୍ ଆଡ୍‌କେ ମୁହେଁଇଛେ ବିଜେପି ।

- ତାମିଲ୍‌ନାଡୁ ନ ପହେଲାଥର୍ ଲାଗି ନିର୍ବାଚନ୍ ଲଢୁଥିବା ଟିଭିକେ ଦଲ୍ ଶହେ ୧୧ ଟା ଆସନ୍‌ଥି ରହିଛେ ଆଗାଡ଼େ ।

୨- ରାଜ୍ୟର୍ ୭୯ ହଜାର୍ ହିତାଧିକାରୀଙ୍କୁ ମିଲ୍‌ଲା ୬୧ କୋଟିନୁ ଅଏଡ୍‌କା ଟଙ୍କାର୍ ସାହାଜ୍ ।

୩- ଅହମଦାବାଦ୍ ନ ଆଏବା କାଏଲ୍ ହେବା ନିବେଶକ୍ ସମ୍ମିଲନୀ ।

- ଯୋଗ୍‌ଦେବେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ଅଗ୍ନିବୀର ମାନ୍‌କର୍ ଅଦମ୍ୟ ସାହସ୍, ବୀରତ୍ୱ ଆଉ ବଳିଦାନ୍‌କେ ସୋର୍ କରିକରି ଆଏଜ୍ ପାଲନ୍ କରାଯାଉଛେ ଆନ୍ତର୍ଜାତିକ ଅଗ୍ନିଶମ କର୍ମଚାରୀ ଦିବସ ।

ନିର୍ବାଚନ୍     ଆର୍‌ଏନ୍‌ୟୁ/ କଟକ୍

ପଶ୍ଚିମବଙ୍ଗ୍, ତାମିଲ୍‌ନାଡୁ, କେରଳମ୍, ଆସାମ୍ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ପୁଡୁଚେରୀ ବିଧାନ୍‌ସଭା ନିର୍ବାଚନ୍‌ର ଭୋଟ୍‌ଗନ୍‌ତି ଚାଲିଛେ । ସଞ୍ଜର୍ ୬ ବଜେତକ୍ ମିଲିଥିବା ସୂଚ୍‌ନା ଅନ୍‌ସାରେ, ପଶ୍ଚିମବଙ୍ଗ୍‌ଥି ଘୋଷିତ୍ ହେଇଥିବା ୬୧ ଟା ଆସନ୍ ଭିତ୍‌ରୁ ୪୮ ଟା ଥି ବିଜେପି ଆଉ ୧୩ ଟାଥି ତୃଣମୂଳ କଂଗ୍ରେସ୍ ଜିତିସାରିଛେ । ଶହେ ୫୩ ଟା ଆସନ୍‌ଥି ବିଜେପି ଆଘେ ଥିବାର୍ ବେଲେ ୭୩ ଟା ଆସନ୍‌ଥି ତୃଣମୂଳ କଂଗ୍ରେସ୍ ଆଗାଡ଼େ ରହିଥିବାର୍ ଜନାପଡ଼ିଛେ । ସିପିଏମ୍ ଗୁଟେ ଆସନ୍‌ଥି, କଂଗ୍ରେସ୍ ୨ ଟାଥି ଆଉ ଅଲ୍‌ଗା ଦଲ୍ ୩ ଟା ଆସନ୍‌ଥି ଆଗାଡ଼େ ରହିଛନ୍ । ଆସାମ୍ ନ ବିଜେପି ୩ ନମ୍ବର୍ ଥର୍ ଲାଗି ସର୍‌କାର୍ ଗଢ଼୍‌ବାର୍‌କେ ଯାଉଛେ । ଶହେ ୨୬ ଟା ଆସନ୍ ଭିତ୍‌ରୁ ଇହାଦେତକ୍ ୮୬ ଟା ଆସନ୍‌ଥି ଏନ୍‌ଡିଏ ପ୍ରାର୍ଥୀ ଜିତିଛନ୍ । ସେଥିର୍‌ଭିତ୍‌ରୁ ବିଜେପି ୬୨ ଟା ଆସନ୍ ହାସଲ୍ କରିଛେ । କେରଳମ୍ ନ କଂଗ୍ରେସ୍ ନେତୃତ୍ୱାଧୀନ୍ -ୟୁଡିଏଫ୍ ମେଂଟ ୫୫ ଟା ଆସନ୍‌ଥି ଜିତିଥିବାର୍ ବେଲେ ୮ ଟାଥି ଆଘେ ରହିଛେ । ତାମିଲ୍‌ନାଡୁ ନ ଅଭିନେତା ନୁ ରାଜନେତା ହେଇଥିବା

ବିଜୟଙ୍କର୍ ନେତୃତ୍ୱାଧୀନ୍ ଟି.ଭି.କେ. ଦଲ୍ ଇତିହାସ୍ ରଚିଛେ । ମୋଟ୍ ୨ ଶହ ୩୪ ଟା ଆସନ୍ ଭିତ୍ରୁ ଏବ୍ତକ୍ ଟି.ଭି.କେ. ୭୫ ଟା ଆସନ୍ଥି ଜିତିଥିବାର୍ ବେଲେ ୩୩ ଟା ଆସନ୍ଥି ଆଗାଡ଼େ ରହିଛେ ।

ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ଙ୍କର୍ ନେତୃତ୍ୱାଧୀନ୍ ଡି.ଏମ୍.କେ. ୯ ଟା ଆସନ୍ ଅକ୍ତିଆର୍ କରିଥିବାର୍ ବେଲେ ୪୯ ଟା ଆସନ୍ଥି ଆଗାଡ଼େ ରହିଛେ । ୩୦ ଆସନ୍ ଥିବା ପୁଡୁଚେରୀ କେନ୍ଦ୍ରଶାସିତ୍ ଅଂଚଲ୍ ନ ୨୦ ଟା ଆସନ୍ଥି ଫଲାଫଲ୍ ଘୋଷ୍ନା ହେଇସାରିଛେ । ଅଲ୍ଇଣ୍ଡିଆ ଏନ୍.ଆର୍. କଂଗ୍ରେସ୍, ୯ ଟା ଆସନ୍ନୁ ଜିତିଥିବାର୍ ବେଲେ ଅଲ୍ଗା ୨ ଟା ଆସନ୍ଥି ଆଘେ ରହିଛେ । ବିଜେପି ୨ ଟା ଆସନ୍ ଅକ୍ତିଆର୍ କରିଥିବାର୍ ବେଲେ ଅଲ୍ଗା ୨ ଟା ଥି ଆଗାଡ଼େ ରହିଛେ । ଗୁଜୁରାଟ୍, ତ୍ରିପୁରା ଆଉ ନାଗାଲାଣ୍ଡ୍ ଉପନିର୍ବାଚନ୍ଥି ବିଜେପି ଗୁଟେ ଲେଖା ଆସନ୍ ହାସଲ୍ କରିଥିବାର୍ ବେଲେ କର୍ଣ୍ଣାଟକ୍ ନ କଂଗ୍ରେସ୍ ଜିତିଛେ ।

ସୁଭଦ୍ରା ଆଇ.ଆଣ୍ଡ୍.ପି.ଆର୍

ରାଏଜେ ସୁଭଦ୍ରା ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ଆଏଜ୍ ସାହାଜ୍ ଟଙ୍କା ଦିଆଯାଇଛେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୁବ୍‌ନେଶ୍ୱର୍ ମହିଲା ଶିଶୁବିକାଶ୍ ବିଭାଗ୍ ସମ୍ମିଳନୀ କକ୍ଷ ନ ହେଇଥିବା ଖାସ୍ କାର୍ଯ୍ୟକ୍ରମ୍‌ଥି ମୋଟ୍ ୭୯ ହଜାର୍‌ନୁ ଅଏତ୍‌କା ହିତାଧିକାରୀଙ୍କୁ ୬୧ କୋଟିନୁ ଅଏତ୍‌କା ଟଙ୍କା ଦିଆଯାଇଛେ । ଡିବିଟି ଜରିଏ ସିଧାସଲଖ୍ ହିତାଧିକାରୀମାନ୍‌କର୍ ବେଙ୍କ୍ ଏକାଉଂଟ୍‌କେ ଇ ଟଙ୍କା ପଠାଯାଇଛେ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ କହିଛନ୍, ସୁଭଦ୍ରା ଯୋଜ୍‌ନାନୁ ଯୋଗ୍ୟ ହିତାଧିକାରୀ ବାଦ୍ ନାଇଁ ପଡ୍‌ବାର୍ ଲାଗି ସର୍‌କାର୍ ପଦକ୍ଷେପ୍ ନଉଛନ୍ । ସୁଭଦ୍ରା ଯୋଜ୍‌ନା ରାଏଜେ ମହିଳାମାନ୍‌କର୍ ଆର୍ଥିକ୍ ସଶକ୍ତିକରଣ୍ ଦିଗେ ଗୁଟେ ମୁଖିଆ ପଦକ୍ଷେପ୍ ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

(ଭଏସ୍ ଓଭର୍- ପ୍ରଭାତୀ ପରିଡ଼ା)

ଓପିଟିସିଏଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ପାୱାର୍ ଟ୍ରାନ୍ସମିଶନ୍ କର୍ପୋରେସନ୍ ଲିମିଟେଡ୍-ଓପିଟିସିଏଲ୍ ତରଫୁ ଆଏଜ୍ ଚନ୍ଦକା ନ ଥିବା ପାୱାର୍ ଟ୍ରେନିଂ ସେଂଟର୍ ଠାନେ ଗୁଟେ ଅତ୍ୟାଧୁନିକ୍ ପାୱାର୍ ସିଷ୍ଟମ୍ ସିମୁଲେସନ୍ ଲେବୋରେଟୋରୀର ଉଦ୍‌ଘାଟନ୍ ହେଇଛେ । ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଇତାର୍ ଶୁଭାରମ୍ଭ କରିଛନ୍ । ଇନ ନୂଆଁ ଲେବୋରେଟୋରୀ ଓପିଟିସିଏଲ୍‌ର ବୈଷୟିକ ଦକ୍ଷତା, ଗ୍ରୀଡ୍ ପରିଚାଲନା ଆଉ କାମ୍ ବିଶ୍ୱସନୀୟତାକେ ବର୍‌କସ୍ କର୍‌ବାର୍ ଲକ୍ଷ୍ୟଥି ତିଆର୍ ହେଇଛେ । ଇତାର୍ ଜରିଏ ରାଜ୍ୟର୍ ବଢୁଥିବା ଶକ୍ତିଚାହିଦାକେ ପୁରା କର୍‌ବାର୍ ଆଉ ଅକ୍ଷୟ ଶକ୍ତିର୍ ସଂଯୋଗୀକରଣ୍ ଲାଗି ଗୁଟେ ବର୍‌କସ୍ ଆଉ ଭବିଷ୍ୟତ୍ ଉପଯୋଗୀ ଟ୍ରାନ୍ସମିଶନ୍ ନେଟ୍‌ୱାର୍କ ନିଶ୍ଚିତ୍ ହେଇପାର୍‌ବା । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍, ଗୁଟେ ଶକ୍ତିଶାଳୀ ପରିବହନ୍ ନେଟ୍‌ୱର୍କଥି ବିକଶିତ୍ ଓଡ଼ିଶାର୍ ମେରୁଖୁମ୍ ଆଏ । ଇ ପାୱାର୍ ସିଷ୍ଟମ୍ ସିମୁଲେସନ୍ ଲେବ୍ରୋରେଟୋରୀ ଆମର୍ ଯନ୍ତ୍ରୀମାନ୍‌କୁ ଭିନ୍ ଭିନ୍ ଆହ୍ୱାନ୍ ମାନ୍‌କର୍ ପୂର୍ବାନୁମାନ୍ କର୍‌ବାର୍ ସହେତେ ଶିଳ୍ପ, କୃଷି ଆଉ ଘରୋଇ ଗ୍ରାହକ୍‌ମାନ୍‌କୁ

ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ୍ ନିଶ୍ଚିତ୍ କର୍‌ବାର୍‌ଥି ସାହାଜ୍ କର୍‌ବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଇ ବଛ୍‌ରର୍ ୨ ନମ୍ବର୍ ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ଆଏବା ୯ ତାରିଖ୍ ଶନିବାର୍ ଦିନ ହେବା । ହାଇକୋର୍ଟ ସହେତେ ସବୁ ଜିଲ୍ଲା ଆଉ ତାଲୁକ୍‌ସ୍ତରୀୟ ଅଦାଲତ୍ ମାନ୍‌କେ ବିଚାରାଧୀନ୍ ମାମ୍‌ଲା ମାନ୍‌କର୍ ଆପୋଷ ଆଲୋଚନା ଜରିଏ ସମାଧାନ୍‌କେ ଟହଁକାବାର୍ ଲକ୍ଷ୍ୟଥି ଇ ଅଦାଲତ୍ ହେବା ।

ନିବେଶକ୍ ସମ୍ମିଲନୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଗୁଜୁରାଟ୍‌ର ଅହମଦାବାଦ୍ ଠାନେ ଗୁଟେ ନିବେଶକ୍ ସମ୍ମିଲନୀ ଆୟୋଜନ୍ କରାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ସମ୍ମିଲନୀଥି ଯୋଗ୍ ଦେବେ । ମୁଖ୍ୟମନ୍ତ୍ରୀଙ୍କର୍ ସଙ୍ଗେ

ପ୍ରଶାସନିକ୍ ଅଧିକାରୀ, ଶିଳ୍ପ ସଂଘର୍ ପ୍ରତିନିଧି ମାନେ ଭିଲ୍ ଯୋଗ୍ ଦେବେ । ଇ ଅବ୍ସରେ ଭିନ୍ ଭିନ୍ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେବାର୍ କାର୍ଯ୍ୟସୂଚୀ ରହିଛେ । ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ଭିନ୍ ଭିନ୍ ଶିଳ୍ପକ୍ଷେତ୍ର ନ ନିବେଶକେ ନେଇକରି ରହିଥିବା ସୁଯୋଗ୍ ବାବ୍ଦେ ନିବେଶକ୍ ମାନ୍କୁ ଜନେଇ ଦିଆଯିବା । ଶିଳ୍ପ ପ୍ରତିନିଧି ଆଉ ସର୍କାର୍ଙ୍କର୍ ଭିତ୍ରେ ଖାସ୍ ଆଲୋଚନା ହେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ କାର୍ଯ୍ୟକ୍ରମ୍ଥି ବଡ଼୍ ବଡ଼୍ ନିବେଶକ୍ ମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ସାକ୍ଷାତ୍ କର୍ବାର୍ ସହେତେ ଆଲୋଚନା କର୍ବେ ବଲି ଜନାପଡ଼ିଛେ ।

ଅଗ୍ନି ନିରାପତା ସପ୍ତାହ ଏକ୍ସ

ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଲୟ ତର୍ଫୁ ଆଏଜ୍ ଦେଶର୍ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ୍ ମାନ୍କେ ସଚେତନତା ବଢ଼ାବାର୍ ଲାଗି ଅଗ୍ନି ନିରାପତା ସପ୍ତାହ ପାଲନ୍ ମୁଲ୍ ହେଇଛେ । ହପ୍ତେତକ୍ ହେବାର୍କେ ଥିବା ଇ କାର୍ଯ୍ୟକ୍ରମ୍ଥି ଅଗ୍ନି

ନିରାପତା ବାବଦ୍ ମକ୍‌ଡ୍ରିଲ୍, କ୍ଷମତା ନିର୍ମାଣ୍ ପଦକ୍ଷେପ୍ ଆଉ ଅଗ୍ନି ନିରାପତା ମାର୍ଗଦର୍ଶିକା ପ୍ରସାର୍ ସହେତେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ବିଶ୍ୱ ଦକ୍ଷତା କେନ୍ଦ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱ ଦକ୍ଷତା କେନ୍ଦ୍ର ନ ୨୦୨୬-୨୭ ମାର୍ଚ୍ଚ ସେସନ୍ ନାଁଲେଖା ଲାଗି ଅନ୍‌ଲାଇନ୍ ଆବେଦନ୍‌ର ସମିଆ ବଢ଼ାଯାଇଛେ । ଛାତ୍ରଛାତ୍ରୀମାନେ ଆଏବା ୧୫ ତାରିଖ୍‌ତକ୍ ଆବେଦନ୍ କରିପାର୍‌ବେ । ଇ ମାସ ୩୧ ତାରିଖ୍ ଅନ୍‌ଲାଇନ୍ ପ୍ରବେଶିକା ପରୀକ୍ଷା ହେବା । ବିଶ୍ୱ ଦକ୍ଷତା କେନ୍ଦ୍ରର୍ ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଆଉ ସ୍କୁଲ୍ ଅଫ୍ ସର୍ଭିସେସ୍ ପାଠ୍ୟକ୍ରମ୍ ଅଧୀନ୍‌ଥି ୧୦ ଟା ବିଷେଥି ନାଁଲେଖା ଲାଗି ଇ ପ୍ରବେଶିକା ପରୀକ୍ଷା ହେବା ବଲି କେନ୍ଦ୍ର ତର୍‌ଫୁ କୁହାଯାଇଛେ ।

ପ୍ରକଳ୍ପ ସମୀକ୍ଷା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ କାର୍ଯ୍ୟକାରୀ ହଉଥିବା ଭିନ୍ ଭିନ୍ ଉନ୍ନୟନ୍ମୂଲକ୍ ପ୍ରକଳ୍ପ ମାନ୍କୁ ଜଲ୍ଦି ଶେଷ୍ କର୍ବାର୍ ଲାଗି ଗୃହ, ସହରାଂଚଲ୍ ବିକାଶ୍ ଆଉ ସାଧାରଣ୍ ଉଦ୍ୟୋଗ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ୍ ଦେଇଛନ୍ । ସୁବର୍ଣ୍ଣପୁର୍ ଜିଲ୍ଲା ଗସ୍ତ ଅବ୍‌ସରେ ମନ୍ତ୍ରୀ ଡକ୍ଟର୍ ମହାପାତ୍ର ତେଲ୍ ନଦୀ ଖଁଡ଼ି ନ ପାର୍କ ଆଉ ୭ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେବାର୍‌କେ ଥିବା ନୂଆଁ ପୌରପରିଷଦ୍ ଭବନ୍‌ର ଶିଳାନ୍ୟାସ୍ କରିଛନ୍ । ଭିନ୍ ଭିନ୍ କାମ୍‌ର ଅଗ୍ରଗତି ଆଉ ଯୋଜ୍‌ନା ମାନ୍‌କର୍ ଭିଲ୍ ସମୀକ୍ଷା କରିଛନ୍ । ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ ଜନକଲ୍ୟାଣ୍‌କାରୀ ଯୋଜ୍‌ନାମାନ୍‌କର ବାବ୍‌ଦେ ମନ୍ତ୍ରୀ ଆଲୋଚନା ଆଲେଚାନା କରିଛନ୍ । ଇତାର୍‌ସହେତେ ସହର୍ ଇଲାକାର୍ ସ୍ୱଚ୍ଛତା ଆଉ ବସ୍ତି ଅଂଚଲ୍‌ର ଉନ୍ନତିକେ ଜୋର୍ ଦେବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ମନ୍ତ୍ରୀ ଡକ୍ଟର୍ ମହାପାତ୍ର ପରାମର୍ଶ ଦେଇଛନ୍ ।

ଅଭିଯୋଗ୍ ଶୁଣାଣି ନୂଆପଡ଼ା/ବୌଦ୍ଧ/ସମ୍ବଲପୁର/ଦେବ୍‌ଗଡ଼୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକଙ୍କର୍ ଯୁଗ୍ମ ଜନଶୁଣାଣି ଶିବିର ଆଏଜ୍ ହେଇଯାଇଛେ ।

ସମ୍ବଲପୁର୍ ଜିଲ୍ଲା ଧନ୍କଉଡ଼ା ବ୍ଲକ୍ କାର୍ଯ୍ୟାଲୟ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୬୦ ଟା ଅଭିଯୋଗ୍ ଆସିଥିଲା ବେଲ୍‌କେ ୨ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ନୂଆପଡ଼ା ଜିଲ୍ଲା ନ ହେଇଥିବା ଶିବିର୍‌ଥି ଜିଲ୍ଲାପାଲ୍ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ଆହ୍ୱାନ୍ ଦେଇଛନ୍ ।

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଲୟ ନ ହେଇଥିବା ଜନଶୁଣାଣି ଶିବିରଥି ୪୬ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୧୦ ଟାର୍ ତୁର୍‌ତି ସମାଧାନ୍ କରାଯାଇଛେ ।

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ନ ହେଇଥିବା ଶିବିର୍‌ଥି ୪୪ ଟା ଅଭିଯୋଗ୍ ଆସିଥିଲା ।

ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

କୌଶଲ୍ ତାଲିମ୍ କାର୍ଯ୍ୟକ୍ରମ 		ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ନ ଜିଲ୍ଲାସ୍ତରୀୟ ପହଁରା ଆଉ ପାନିଥି ବୁଡ୍‌ବାର୍‌ନୁ ବଁଚ୍‌ବାର୍ ମୌଳିକ୍ କୌଶଲ୍ ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଥିଲେ । ବିପର୍ଯ୍ୟୟ ସମିଆଥି କେନ୍ତାକରି ଲୋକ୍‌ମାନ୍‌କୁ ଉଦ୍ଧାର୍ କରାଯାଇପାର୍‌ବା ସେ ବାବ୍‌ଦେ ଅତିଥିମାନେ ଜନେଇଥିଲେ । ଇ ତାଲିମ୍ କାର୍ଯ୍ୟକ୍ରମ୍ ଆଏବା ୯ ତାରିଖ୍‌ତକ୍ ଚାଲ୍‌ବା । ପହେଲା ବେଚ୍ ଲାଗି ଓଡ୍ରାଫ୍ ଦଲ୍‌ର ଦେଖ୍‌ରେଖ୍‌ଥି ତାଲିମ୍ ଦିଆଯିବା । ଇଥି ୩୦ ଝନ୍ ମହାବିଦ୍ୟାଳୟର୍ ଛାତ୍ରଛାତ୍ରୀ ଭାଗ୍ ନେଇଛନ୍ ।

ଫୁଟ୍‌ବଲ୍ ପ୍ରଶିକ୍ଷଣ୍ ଶିବିର୍ 		ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ରାଜ୍ୟ ଫୁଟ୍‌ବଲ୍ ସଂଘ ଆଉ ସମ୍ବଲ୍‌ପୁର୍ ଜିଲ୍ଲ କ୍ରୀଡ଼ା ସଂଘ ତର୍‌ଫୁ ଜିଲ୍ଲାସ୍ତରୀୟ ସବ୍‌ଜୁନିୟର୍ ବାଳକ ଆଉ ବାଳିକା

ମାନ୍‌କର୍ ଲାଗି ଖରାଦିନିଆ ଫୁଟ୍‌ବଲ୍ ପ୍ରଶିକ୍ଷଣ୍ ଶିବିର୍ ଆଏବା କାଏଲ୍‌ଠାନୁ ମୁଲ୍ ହେବା । ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ନ ଇ ଶିବିର୍ ହେବା । ଶିବିର୍‌ଥି ୧୪ ବଛର୍‌ନୁ କମ୍ ବୟସର୍ ଛାତ୍ରଛାତ୍ରୀ ଆଉ କ୍ରୀଡ଼ା ଅନୁଷ୍ଠାନ୍‌ର ସଦସ୍ୟମାନେ ଭାଗ୍ ନେବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ କାଲ୍‌ବୈଶାଖୀର୍ ବଲେ ବର୍ଷା ହେବାର୍‌ନୁ ତାପମାତ୍ରା କମିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ସବୁ ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏବା ୪ ଦିନ୍‌ତକ୍ ରାଏଜେ ପାଗ୍ ଏନ୍ତା ରହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।